# ତହସିଲଦାରଙ୍କ କାର୍ଯ୍ୟାଳୟ, ଖଡିଆଳ, ଜିଲ୍ଲା-ନୂଆପଡା

ସଂଖ୍ୟା. ୩୪୦୮ ତାରିଖ. ୨୧/୧୨/୨୦୨୦

## ଲଘୁ ଖଣିଜ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

## ଜଉମୁଦ ଟେଣ୍ଡର ଆହ୍ୱାନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ -୨୦୧୭ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଖଡିଆଳ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକର ୨୦୨୦-୨୧ ରୁ(ପାଞ୍ଚ) ବର୍ଷ ନିମନ୍ତେ ଲିଜ ଆକାରେ ବନ୍ଦୋବସ୍ତ କରିବା ପାଇଁ ନିମ୍ନସାରଣୀ ମୁତାବକ ତହସିଲଦାର, ଖଡିଆଳ ଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଟେଣ୍ଡର ଫର୍ମ **Form-M** ତହସିଲ ଅଫିସ, ଖଡିଆଳରୁ କ୍ରୟ କରି ଏହା ସହିତ **OMMC Rule -2016** ମୁତାବକ ଅନ୍ୟ ବିହିତ Form-Mର ତିନିକିତା ନକଲ ଓ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି **(sealed cover)** ବନ୍ଦ ଲଫାପା ରେ ଖଡିଆଳ ତହସିଲ କାର୍ଯ୍ୟାଳୟରେ ତା. ୨୨।୧୨।୨୦୨୦ ଠାରୁ ତା. ୧୧।୦୧।୨୦୨୧ ଅପରାହ୍ନ ଘ. ୫.୩୦ସୁଦ୍ଧା ଆବେଦନ କରିପାରିବେ । ପୃଥକ ସୈରାତ ଉତ୍ସ ପାଇଁ ପୃଥକ ଫର୍ମ ରେ ଟେଣ୍ଡର ଦାଖଲ କରିବାକୁ ପଡିବ । ଫର୍ମ ଗୁଡିକ ରେଜିଷ୍ଟର୍ଡ / ସ୍ପିଡପୋଷ୍ଟ ଜରିଆରେ ଲଘୁଖଣିଜ ନିୟମ ୨୦୧୬ ର ଧାରା ୨୭(୪) ର ଅନୁସାରେ ସମସ୍ତ ଦଲିଲ ସଂଲଗ୍ନ କରି ଲିଜ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରେ ଅର୍ଥାତ ତା. ୧୧।୦୧।୨୦୨୧ ଅପରାହ୍ନ ୫.୩୦ଘଣ୍ଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଉକ୍ତ ସମୟ ଅବଧି ପରେ କୌଣସି ଟେଣ୍ଡର ପେପର ଗ୍ରହଣୀୟ ନୁହେଁ । ଡାକ ଜନିତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ପେପର ଭର୍ତ୍ତି ହୋଇଥିବା ଲଫାପା ଉପରେ ଉତ୍ସ ନିଲାମ ପାଇଁ ଆବେଦନ କରୁଥିବା ଉତ୍ସ ର ନାମ ସହିତ ବ୍ୟକ୍ତି ବିଶେଷଙ୍କ ସମ୍ପୂର୍ଣ ଠିକଣା ଓ ମୋବାଇଲ ନମ୍ବର ଲେଖା ରହିବା ଆବଶ୍ୟକ ଅଟେ । ଉକ୍ତ ଦିନ ଅର୍ଥାତ ତା. ୧୨।୦୧।୨୦୨୧ ସକାଳ ୧୧.୩୦ଘଣ୍ଟିକା ସମୟ ରେ ତହସିଲଦାର,ଖଡିଆଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଟେଣ୍ଡର କମିଟି ଓ ଇଚ୍ଛୁକ ଆବେଦନକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲି ଯାଞ୍ଚ କରାଯିବ । ୧୨।୦୧।୨୦୨୧ ତାରିଖରେ ପ୍ରକ୍ରିୟା ସମ୍ପୂର୍ଣ ନ ହୁଏ, ତେବେ ୧୩।୦୧।୨୦୨୧ ରିଖ ଦିନ ଏହି ସମୟରେ ସମ୍ପୂର୍ଣ କରାଯିବ । କୌଣସି ଆବେଦନକାରୀ ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ଫର୍ମ ସହିତ ଆବଶ୍ୟକୀୟ କାଗଜ/ଦଲିଲ ସଂଲଗ୍ନ କରି ନ ଥିଲେ ଗ୍ରହଣୀୟ/ବିଚାର ଯୋଗ୍ୟ ହେବ ନାହିଁ । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ନୂଆପଡା ଜିଲ୍ଲା **Web site - http://Nuapada.nic.in** ଓ ଖଡିଆଳ ତହସିଲରେ ରେ ଉପଲବ୍ଧ ଅଟେ ।

ତହସିଲଦାର, ଖଡିଆଳ

ତହସିଲଦାର

ଖଡିଆଳ

ଜ୍ଞାପକ ସଂଖ୍ୟା ୩୪୦୯ ତା. ୨୧.୧୨.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ,ନୂଆପଡାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଖଡିଆଳ
୨୧.୧୨.୨୦୨୦
ତହସିଲଦାର
ଖଡିଆଳ

ଜ୍ଞାପକ ସଂଖ୍ୟା ୩୪୧୦ ତା. ୨୧.୧୨.୨୦୨୦

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ନୂଆପଡାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଖଡିଆଳ
୨୧.୧୨.୨୦୨୦
ତହସିଲଦାର
ଖଡିଆଳ

ଜ୍ଞାପକ ସଂଖ୍ୟା ୩୪୧୧ ତା. ୨୧.୧୨.୨୦୨୦

ଏହାର ଏକକିତା ନକଲ **D.I.O,NIC, Nuapada** ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହି ବିଜ୍ଞାପନକୁ ଜିଲ୍ଲା ୱେବସାଇଟରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

ତହସିଲଦାର,ଖଡିଆଳ
୨୧.୧୨.୨୦୨୦
ତହସିଲଦାର
ଖଡିଆଳ

ଜ୍ଞାପକ ସଂଖ୍ୟା ୩୪୧୨ ତା. ୨୧.୧୨.୨୦୨୦

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ,ଖଡିଆଳର ନୋଟିସ୍ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳର ନୋଟିସ୍ ବୋର୍ଡରେ ଛାପିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର,ଖଡିଆଳ
୨୧.୧୨.୨୦୨୦
ତହସିଲଦାର
ଖଡିଆଳ

ଜ୍ଞାପକ ସଂଖ୍ୟା ୩୪୧୩ ତା. ୨୧.୧୨.୨୦୨୦

ଏହାର ଏକକିତା ନକଲ ସରପଞ୍ଚ, ଚନାବେଡ଼ା/ବଡଦୋହେଲ/ରିଷିଗାଁ/ମୋଡୋସିଲ/ଡୁଆଝର ଗ୍ରାମପଞ୍ଚାଯତଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଛାପିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର,ଖଡିଆଳ
୨୧.୧୨.୨୦୨୦
ତହସିଲଦାର
ଖଡିଆଳ

ଜ୍ଞାପକ ସଂଖ୍ୟା ୩୪୧୪ ତା. ୨୧.୧୨.୨୦୨୦

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ପ୍ରୋସେସ ସର୍ଭର ଜରିଆରେ ସବସାଧାରଣଙ୍କ ଅବଗତି ନିମନ୍ତେ ଛାପିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର,ଖଡିଆଳ
୨୧.୧୨.୨୦୨୦
ତହସିଲଦାର
ଖଡିଆଳ

ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ:-

୧ ଟେଣ୍ଡର ଫର୍ମ Form-M ବାବଦକୁ କେବଳ ଟ ୨୦୦୦/-(ଦୁଇ ହଜାର ଟଙ୍କା) ମୂଲ୍ୟରେ ଅଫିସରୁ କ୍ରୟ କରି ଏହାର ଆବଶ୍ୟକୀୟ ପାଉଣା ରସିଦ ଓ ଟେଣ୍ଡର ଫର୍ମ ସହିତ ଦରଖାସ୍ତକାରୀ ଅନ୍ୟ ତିନିକିତା ବିହିତ ଦରଖାସ୍ତ ଫର୍ମ ନମ୍ବର-ମ **(FORM-M)** ରେ ଆବେଦନ କରିବେ । ସମସ୍ତ ଚାରି ଗୋଟି ଫର୍ମ ଠିକ ଭାବରେ ପୂରଣ ହେବା ଦରକାର । ଟେଣ୍ଡର ଫିଜ ଫେରସ୍ତ ହେବ ନାହିଁ ।

୨ ଦରଖାସ୍ତ ଫିଜ ବାବଦକୁ ଟ୍ରେଜେରୀ ଚାଲାଣ ଜରିଆରେ ଟ **୧000/-** (ଏକ ହଜାର ଟଙ୍କା) ପଇଠ କରି ଚାଲାନ (ମୂଳ କପି) ଦରଖାସ୍ତ ସହିତ ସଲଗ୍ନ କରିବେ **Head of Account No.0853-Non ferrous mining Metallurgical industries-102-mineral concession fees rents & royalties.** ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩ ଆବେଦନ କରିଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନମ୍ବର, ପ୍ଲଟ ନମ୍ବର, ରକବା ଓ କିସମର ସଠିକ ତଥ୍ୟ ଲେଖିବ। ବିଧେୟ ଓ ଦରଖାସ୍ତ ସହିତ ଉପରୋକ୍ତ ଖଣିଜ ଉତ୍ସର ନକ୍ସା ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୪ ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୋଣସି ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠର ଦାଖଲ କରିବେ ।

୫ ଦରଖାସ୍ତକାରୀ ଆବେଦନକରିଥିବା ସମ୍ପୃକ୍ତ ଲଘୁ ଖଣିଜ ଉତ୍ସର ବ୍ୟାଙ୍କ ଗ୍ୟାରେଣ୍ଟି**(Bank guarantee)** ଅଥବା ପରିଶୋଧ କ୍ଷମତା ପ୍ରମାଣପତ୍ର **(Solvency Certificate)** ଏକ ସମ୍ପୂର୍ଣ୍ଣ ବର୍ଷ ପାଇଁ ଯାହାର ଅବଧି ପରବର୍ତ୍ତୀ ୧୮(ଅଠର) ମାସ ପର୍ଯ୍ୟନ୍ତ ଥିବ ଓ ଏହା ସହିତ ସମସ୍ତ ସ୍ଥାବର ସମ୍ପତ୍ତିର ବିବରଣୀ (ରାଜସ୍ୱ ଆଧିକାରୀଙ୍କଠାରୁ ପ୍ରାପ୍ତ ହୋଇଥିବା) ଥିବ ତାହା ଦାଖଲ କରିବେ । ଆବେଦନକାରୀ ନିଜ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ସମ ପରିମାଣର **Solvency Certificate** ଅଥବା **Bank Guarantee:- Minimum**

**Guaranteed Quantity X (Additional Charge offered or quoted by the applicant + Royalty)** ହିସାବ କରି ତଦୁର୍ଦ୍ଧ ମୂଲ୍ୟର ଏହି କାଗଜାତ ଦାଖଲ କରିବେ ।

୬ ପରିଶିଷ୍ଟ-3ରେ ଦର୍ଶିତା ସ୍ତମ୍ଭ-୧୨ ରେ ଲିଖିତ ବଇନା ରାଶି **(EARNEST MONEY DEPOSIT(EMD)** ମୂଲ୍ୟର **BANK DRAFT Payable to Tahasildar, Khariar and payable at State Bank of India, Main Branch, Khariar** ଙ୍କ ନାମେ ପ୍ରସ୍ତୁତ କରି ପ୍ରମାଣ ପତ୍ର ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନଥିବା ନୀଲାମଧାରୀଙ୍କ **EMD** ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ଚୂଡାନ୍ତ ହେଲାପରେ ଓ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ପାଇଲାପରେ ଫେରସ୍ତ କରାଯିବ ।

୭. Income Tax Return ୨୦୧୯-୨୦ ଆର୍ଥିକ ବର୍ଷର ନକଲ ଦାଖଲ କରିବେ । ଏହା ସହିତ ପାନ କାର୍ଡ଼ ଓ ଆଧାର କାର୍ଡ଼ ଦାଖଲ କରିବେ ।

<u>ପରିଶିଷ୍ଟ-୨</u>

## ସର୍ତ୍ତାବଳୀ

- ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ **2016** ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ -୨୦୧୭ ର ପରିସର ଭୁକ୍ତ ରହିବେ ।
- ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।
- ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

- ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
- ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।
- ସର୍ବୋଚ୍ଚ ଅତିରିକ୍ତ ଦେୟ ( **Additional Charge)** ଘନ ମିଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଲିଜ ଚୟନ ନ ହେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।
- ଯଦି ଦୁଇଜଣ ଆବେଦନକାରୀଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଲଟେରି ସାହାଯ୍ୟରେ ଲିଜ ପଟ୍ଟାଦାର **(lessee)** ଚୟନ କରାଯିବ ।
- ଦରଖାସ୍ତ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ **(Additional Charge)**ସ୍ପଷ୍ଟ ଭାବ ରେ ଉଲ୍ଲେଖ ଥିବା ଆବଶ୍ୟକ **I**
- ସରକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଏମ-ଫର୍ମ ଖାରଜ କରିଦିଆଯିବ ।
- ଲିଜ ସମସ୍ତ ସର୍ତ୍ତାବଳୀ ଫାଇଲ କରୁଥିବା ସର୍ବାଧିକ ଅତିରିକ୍ତ ଦେୟ ( **Additional Charge)** ଘନ ମିଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ୦୭(ସାତ) ଦିନ ମଧ୍ୟରେ ନିର୍ଦ୍ଦିଷ୍ଟ ଫର୍ମରେ ଜଣାଇଦିଆଯିବ । ସେ ସୂଚନା ପାଇବାର ୧୫(ପନ୍ଦର) ଦିନ ମଧ୍ୟରେ ସହ ସମ୍ମତି ପ୍ରଦାନ କରିବା ସଙ୍ଗେ ସଙ୍ଗେ **Interest Free Security Deposit** ବାବଦକୁ ପାଉଣା ଜମାକରିବେ । ଯଦି ସେ ଏହି ସମୟ ମଧ୍ୟରେ ସହ ସମ୍ମତି ପ୍ରଦାନ ନ କରନ୍ତି ତାହାହେଲେ ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ଆବେଦନ କରିଥିବା ଲିଜଧାରୀଙ୍କୁ ସୁଯୋଗ ଦିଆଯିବ ।

- ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ଆବେଦନ କରିଥିବା ଲିଜଧାରୀ ଯଦି ପ୍ରଥମ ସର୍ବୋଚ୍ଚ ଅତିରିକ୍ତ ଦେୟ ଆବେଦନ କରିଥିବା ଲିଜଧାରୀ ଙ୍କ ତୁଳନାରେ ବହୁତକମ ଅତିରିକ୍ତ ଦେୟ ହୋଇଥିବ ତାହାହେଲେଏ ବିଷୟରେ **Controlling Authority**ଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନିଆଯିବ ।
- ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ଆବେଦନ କରିଥିବା ଲିଜଧାରୀ ୧୫(ପନ୍ଦର) ଦିନ ସମୟମଧ୍ୟରେ ସହ ସମ୍ମତି ପ୍ରଦାନ ନ କରନ୍ତି କିମ୍ବା **Controlling Authority** ତାଙ୍କ ଅତିରିକ୍ତ ଦେୟ ବହୁତ କମ୍ ଥିବା ଦର୍ଶାଇ ନାକଚକରନ୍ତି, ତାହାହେଲେ ସମ୍ପୃକ୍ତ ସୈରାତ ଉତ୍ସକୁ ପୁଣିଥରେ ଟେଣ୍ଡର ଆହ୍ୱାନ କରାଯିବ ।
- ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର ୦୭ (ସାତ)ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ/ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
- ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ **Mining Plan** ଓ **Environment Clearance** ତିଆରିକରି ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।ଯଦି ଉକ୍ତ ସୈରାତ ଉର୍ସ ର ମାଇନିଙ୍ଗ ପ୍ଲାନ ଆଗରୁ ଅଫିସ ତରଫରୁ ପ୍ରସ୍ତୁତ ହୋଇଥାଏ, ତାହାହେଲେ ସମ୍ପୃକ୍ତ ସର୍ବୋଚ୍ଚ ଲିଜଧାରୀ ଏହି ବାବଦର ସମସ୍ତ ଖର୍ଚ୍ଚ ବହନ କରିବେ ।
- ଏହା ବ୍ୟତିତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖାଙ୍କ ଠାରୁ **CTE (Consent to Establish) & CTO (Consent to Operate)** ର ଆଦେଶ ମଧ୍ୟ ଉତ୍ସର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ ।
- ସଫଳ ଲିଜଧାରୀ **Environment Clearance** ପାଇଲା ପରେ **Royalty or Dead Rent, surfaceRent, Additional Charge, Fees for Environment Management Fund(EMF), Fees for District Mineral Foundation**

ଏବଂ **Income Tax** ବାବଦକୁ ବାର୍ଷିକ ହିସାବରେ ଉପରୋକ୍ତ ନିୟମ ଅନୁଯାୟୀ ସମସ୍ତ ସରକାରୀ ଦେୟ ପଇଠ କରିବାକୁ ହେବ । ଉପରୋକ୍ତ ଦେୟ ଦାଖଲ କରିବା ପରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ **2016**ର ଧାରା(୧୩) ଅନୁଯାୟୀ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ**, 1908** ଓ ଷ୍ଟାମ୍ପ ଆକ୍ଟ **1899**, ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ( **Execution of lease deed)** ସମ୍ପାଦନ କରିବେ ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ଓ EMD ସହିତ **Security Deposit** କୁ ବାଜ୍ୟାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୂପ ସର୍ତ୍ତ ପାଳନ ସହ ନିଲାମ ନେବା ପାଇଁ ସୁଯୋଗ ପ୍ରଦାନ କରାଯିବ ।

- ଯଦି ଲିଜଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ ବା ତାଙ୍କର ନ୍ୟାୟିକ ପ୍ରଧିନିଧୀ ଉକ୍ତ ଉତ୍ସ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ ।
- ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର ୦୭ (ସାତ)ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ/ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
- ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀପତ୍ର ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।
- ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୟରେ ହାସଲ କରିବେ ।
- ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।
- ଲିଜଧାରୀ ସୌରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ **Display Board (** ଡିସପ୍ଲେ ବୋର୍ଡ) ତିଆରି ସେଥିରେ ସୈରାତ ଉତ୍ସର ନାମ, ଲିଜ ଧାରୀଙ୍କ ସମ୍ପୂର୍ଣ୍ଣ ଠିକଣା ତଥା ମଞ୍ଜୁର

ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁର କାର୍ଯ୍ୟର ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବାପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠେଇପାରିବେ ନାହିଁ ।

- ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରୀଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।
- ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟ୍ରର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଜନ ଓ ପରିବହନ ମାସିକ ଓ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।
- ମାଇନିଙ୍ଗପ୍ଲାନ ଓ ପରିବେଶ ମଞ୍ଜୁରୀର ଖର୍ଚ୍ଛ ସଫଳ ନିଲାମଧାରୀ ମାନେ ବହନ କରିବେ । ଟେଣ୍ଡର ଫର୍ମ **Form-M**ରୁ ଆଦାୟ ହୋଇଥିବା ଟଙ୍କାରୁ ବିଜ୍ଞାପନର ଖର୍ଚ୍ଛ ବହନ କରାଯିବ । ଚୟନ ପ୍ରକ୍ରିୟା ଠାରୁ ଆରମ୍ଭକରି ସୈରାତ ପରିଚାଳନା ଓ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ଉପରୋକ୍ତ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ -୨୦୧୭ ଅନୁଯାୟୀ ହେବ ।
- ଗୋଟିଏ ସୌରାତ ଉତ୍ସର ଚୟନ କରିବା ପାଇଁ ସର୍ବନିମ୍ନ ତିନିଗୋଟି ପୃଥକ ଆବେଦନକାରୀଙ୍କ ଟେଣ୍ଡର ଦରଖାସ୍ତ ଆବେଦନ ହୋଇଥିବା ଦରକାର । କୌଣସି କାରଣ ନ ଦର୍ଶାଇ ମଧ୍ୟ ଟେଣ୍ଡରକୁ ଖାରଜ କରିବାର କ୍ଷମତା ଜିଲ୍ଲାପାଳ କିମ୍ବା ତହସିଲଦାର, ଖଡିଆଳଙ୍କ କ୍ଷମତା ରହିଛି ।

ତହସିଲଦାର, ଖଡିଆଳ

ତହସିଲଦାର
ଖଡିଆଳ

**<u>ପରିଶିଷ୍ଟ-୩</u>**

## ଲଘୁ ଖଣିଜ ଉତ୍ସ ( ପଥର ଖାଦାନ) ର ୫ ବର୍ଷିଆ ଲିଜ ନିମନ୍ତେ ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମି ଓ ଅନ୍ୟାନ୍ୟ ବିବରଣୀ

| କ୍ର.ନଂ | ବାଲି ଓ ପଥର ଉତ୍ସର ନାମ/ତାଉଜି ଲିଜ କେଶ ନମ୍ବର | ମୌଜା | ଖାତା. ନଂ | ପ୍ଲ.ନଂ | କିସମ | ଲିଜ ରକବା( ଏକର ରେ) | ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣ (MGQ ) in cm | ରୟାଲଟି (Royalty in Rs)- | ସର୍ବନିମ୍ନ ଅତିରିକ୍ତ ଦେୟ (Minimum Addi. Charge in Rs) ପ୍ରତି ଘନ ମିଟର | ବ୍ୟାଙ୍କ ଗେରେଣ୍ଟି (in Rs)= MGQ x (Addl. Charge offered +Royalty ) | ଅର୍ଜିତ ରାଶି (EMD)in Rs= 5% of MGQ x ( Minimum Additional Charge + Royalty) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ସରଗାଦି ପଥର କ୍ୱାରୀ-୧ (୧୭/୨୦୧୫) | ସରଗାଦି | ୧୯୨ (ଆ.ଅ ଅ) | ୯୫୯ | ଡୁଙ୍ଗୁରୀ | ୧.୮୪ ଏକର | ୧୬୨୦ | ୧୩୦.୦୦ | ୧୫.୦୦ | ପରିଶିଷ୍ଟ-୧ ର କ୍ର.ସଂଖ୍ୟା-୫ ଅନୁଯାୟୀ | ୧୧୭୪୫.୦୦ |
| ୨ | ବଡ଼ଦୋହେଲ ପଥର କ୍ୱାରୀ (୧୧/୨୦୧୫) | ବଡ଼ଦୋହେଲ | ୨୩୩ (ଆ.ଅ ଅ) | ୭୫, ୮୦ ଓ ୮୯ | ଡୁଙ୍ଗୁରୀ<br>ଡୁଙ୍ଗୁରୀ<br>ଡୁଙ୍ଗୁରୀ | ୨.୮୪<br>୦.୪୩<br><u>୧.୩୬</u><br><u>୪.୬୩</u> | ୨୭୨୧.୬୦ | ୧୩୦.୦୦ | ୭୯.୦୦ | ପରିଶିଷ୍ଟ-୧ ର କ୍ର.ସଂଖ୍ୟା-୫ ଅନୁଯାୟୀ | ୨୮୪୪୧.୦୦ |
| ୩ | ଭଇରାଜପୁର ପଥର କ୍ୱାରୀ-୧ (୦୭/୨୦୧୫) | ଭଇରାଜପୁର | ୨୧୭ (ଆ.ଅ ଅ) | ୩୪ | ଡୁଙ୍ଗୁରୀ | ୧.୦୦ | ୮୦୭.୫୦ | ୧୩୦.୦୦ | ୧୦.୦୦ | ପରିଶିଷ୍ଟ--୧ ର କ୍ର.ସଂଖ୍ୟା-୫ ଅନୁଯାୟୀ | ୫୬୫୩.୦୦ |
| ୪ | ଖାମତରାଇ ପଥର କ୍ୱାରୀ (୧୬/୨୦୧୫) | ଖାମତରାଇ | ୨୦୫ (ଆ.ଅ ଅ) | ୧୦୯୭ | ଡୁଙ୍ଗୁରୀ | ୫.୦୦ ଏକର | ୪୧୩୨.୫୦ | ୧୩୦.୦୦ | ୧୬୮.୦୦ | ପରିଶିଷ୍ଟ--୧ ର କ୍ର.ସଂଖ୍ୟା-୫ ଅନୁଯାୟୀ | ୬୧୫୭୪.୦୦ |
| ୫ | ମୋଡୋସିଲ ପଥର କ୍ୱାରୀ (୦୬/୨୦୧୫) | ମୋଡୋସିଲ | ୨୧୯ (ଆ.ଅ ଅ) | ୧୩୨୮ | ଡୁଙ୍ଗୁରୀ | ୪.୪୦ | ୩୦୨୯.୪୦ | ୧୩୦.୦୦ | ୩୫.୦୦ | ପରିଶିଷ୍ଟ--୧ ର କ୍ର.ସଂଖ୍ୟା-୫ ଅନୁଯାୟୀ | ୨୪୯୯୩.୦୦ |
| ୬ | ଚନାବେଡା ପଥର କ୍ୱାରୀ-୧ (୦୩/୨୦୧୫ ) | ଚନାବେଡା | ୪୩୭ | ୧୨୩୬ ଓ ୧୨୩୯ | ପଥର ଚଟାଣ<br>ପଥର ଚଟାଣ | ୧.୮୪<br><u>୧.୨୫</u><br><u>୩.୦୯</u> | ୩୩୪୮.୭୫ | ୧୩୦.୦୦ | ୩୫.୦୦ | ପରିଶିଷ୍ଟ--୧ ର କ୍ର.ସଂଖ୍ୟା-୫ ଅନୁଯାୟୀ | ୨୭୬୨୭.୦୦ |

ତହସିଲଦାର,ଖଡିଆଳ

ତହସିଲଦାର
ଖଡିଆଳ

FORM – M

Application for grant of Quarry Lease

[See rule 27(4)]

To

..........................................................................................................

Dated the 20

Sir,

1. I/We submit an application for a quarry lease for.......................................................... (mineral) for a term of ................... years over...................hectares of land in the area specified in the Annexure given below:-

2. A sum of Rs....................... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 2016 has been paid in the Government Treasury at....................................and a receipted challan bearing No................ dated.........................is enclosed.

3. The required particulars are given below:-

   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.

4. (i) Name and address of the applicant :

   (ii) Nationality of the applicant :

   (iii) Profession of the applicant :

   (iv) Particulars of the areas, mineral wise, within the State for which the applicant or any person having joint interest with him..............................................................

   a) Already holds a quarry lease :
   b) Has already applied for a quarry lease but not granted :
   c) Being applied for simultaneously :
   d) Nature of joint interest, if any :

   (v) Means by which the minor minerals is/are to be raised, i.e. whether manual or mechanical :

(vi) Manner in which the minor mineral raised to be utilized-

(a) For manufacture :

(b) For sale :

(c) Any other purpose :

(vi) Details of the plan boundary description and land schedule of the area applied for to be enclosed.

(vii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated :

(xi) Any other particulars which the applicant wishes to furnish :

(a) Name of the village/Forest Block :

(b) Whether the area belongs to Scheduled Area :

(c) Details of the area applied for in each Survey Number :

(d) Full description of the area applied for with regard to nature features :

(e) District....................................

5. Rate of additional charge (per cubic meter) quoted :

N.B: The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........
Date..........

Signature of the applicant

N.B: If the application is signed by an authorized agent of the applicant, the power of attorney should be attached.

Schedule LIII-Form No.186

**Under Rs. 1001** **(Rupees One Thousands & one ) only.**

(See S.R's.52)
(O.T.C.6)

**CHALAN No.**

Chalan of cash paid into the Treasury/Sub-treasury at SBI, State/Reserve Bank of India **Khariar**

| To be filled in by the remitter | | | | | To be filled by the Departmental Officer or the Treasury | | |
|---|---|---|---|---|---|---|---|
| By whom tendered | Name [or Designation] and address of the person on whose behalf money is paid | Full particulars of the (remittance and of authority[if any] | Amount | | Head of account | Order to the Bank | |
| Name<br>Signature | | **Application fees for grant of stone quarry** | **1000.00** | | **0853-Non-ferrous-Mining-and metallurgical Ind-102-Mineral Concession fees, rents & Royalties** | Full Signature and designation of the Officer | |

To be used only in the case of remittances to Bank through an officer of the Government
(in words) **Rupees One Thousands ) only**
Received payment

Treasury Accountant Date Treasury Officer/Agent